# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 25 September – 2026

**********************************

## <u>ମୁଖ୍ୟ ସମ୍ବାଦ</u>

- ରାଜ୍ୟର ୪ ହଜାର ଧାନମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା ସୁନିଶ୍ଚିତ କରାଯିବ କହିଲେ ମୁଖ୍ୟମନ୍ତ୍ରୀ

  - ସମବାୟ ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର କଲେ ଶୁଭାରମ୍ଭ

- ବିଧାନସଭାରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ

- ଦେଶବ୍ୟାପୀ ଆଜି ପାଳନ କରାଯାଉଛି, ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ।

- ରାଜ୍ୟରେ ଗତ ଜୁନ୍‌ମାସରୁ ଚଳିତ ମାସ ସୁଦ୍ଧା ୩୧ ପ୍ରତିଶତରୁ ଅଧିକ ବର୍ଷା।

ଏବଂ

● ଏସୀୟ କ୍ରୀଡ଼ାର ୧୦ ମିଟର ଏୟାର ପିଷ୍ଟଲ ଗୁଳିଚାଳନା ବର୍ଗରେ ଭାରତର କମଲଜିତ୍ ଓ ସୁରୁଚିସିଂଙ୍କୁ ସ୍ୱର୍ଣ୍ଣପଦକ।

## 'ସମ୍ପନ୍ନ'ର ଶୁଭାରମ୍ଭ

ସରକାର ଚାଷୀ ଏବଂ ଗ୍ରାମାଞ୍ଚଳର ଲୋକଙ୍କୁ ସମବାୟ ବ୍ୟବସ୍ଥା ସହ ଅଧିକ ଯୋଡ଼ିବା ନେଇ ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ଆଜି ସମବାୟ ସଦସ୍ୟତା ଅଭିଯାନ **'ସମ୍ପନ୍ନ'**ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୧ ହଜାର ମଣ୍ଡି'ର ଉନ୍ନତିକରଣ କରାଯାଉଛି। ଆଗାମୀ ଦିନରେ ୪ ହଜାର ଧାନମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା ସୁନିଶ୍ଚିତ କରାଯିବ। ଶ୍ରୀ ମାଝୀ କହିଛନ୍ତି ପ୍ରଥମ ଥର ପାଇଁ ୩୨୨ଟି ପ୍ୟାକ୍ସ ଓ ଲ୍ୟାମ୍ପସ୍‌ର ୫ ଲକ୍ଷ ୬୫ ହଜାରରୁ ଅଧିକ ସଦସ୍ୟଙ୍କୁ ୨୮ କୋଟି ୬୨ ଲକ୍ଷ ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି।

**- V/O -**

ଏହି ଅବସରରେ ଆଜି ସଦସ୍ୟତା ପଞ୍ଜୀକରଣ ପାଇଁ ନୂଆ ମୋବାଇଲ ଆପ୍'ର ଶୁଭାରମ୍ଭ କରାଯାଇଛି। ବଡ଼ମ୍ବା ଓ ଆସିକା ଆଖୁଚାଷୀଙ୍କ ପାଇଁ

ଏକର ପିଛା ୧୫ ହଜାର ଟଙ୍କା ଇନ୍‌ପୁଟ ସବ୍‌ସିଡି ଘୋଷଣା ମଧ୍ୟ କରାଯାଇଛି। କାର୍ଯ୍ୟକ୍ରମରେ ୭୦ଟି କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ଗୋଦାମଘରର ଲୋକାର୍ପଣ ସହ ୪ଟି ଆଦର୍ଶ ମଣ୍ଡି ଓ ୩ଟି ଗୋଦାମଘରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

## ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ମୌସୁମୀ ଅଧିବେଶନର ଆଜି ଚତୁର୍ଥ ଦିବସରେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳର ସଦସ୍ୟମାନେ ଗୃହରେ ଅଚଳାବସ୍ଥା ସୃଷ୍ଟି କରିଥିଲେ। ମାତ୍ର ୪ ମିନିଟ୍ ଗୃହ ଚାଲିଥିଲାବେଳେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ଆଜି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଏହି ସମୟ ମଧ୍ୟରେ ଦୁଇଟି ତାରକା ପ୍ରଶ୍ନର ଉତ୍ତର ଗୃହରେ ଆଲୋଚନା ହୋଇଥିବାବେଳେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉତ୍ତର ରଖିଥିଲେ। ତେବେ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାରୁ ଉପବାଚସ୍ପତି ଗୃହକୁ ୧୦ଟା ୩୪ ମିନିଟ୍‌ରେ ମୁଲତବୀ ଘୋଷଣା କରିଥିଲେ।

## ପାଠ୍ୟପୁସ୍ତକରେ ତ୍ରୁଟି

ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ନୂତନ ପୁସ୍ତକରେ ମୋଟ ୧ ହଜାର ୭୪୧ ତ୍ରୁଟି ପରିଲକ୍ଷିତ ହୋଇଛି । ଏହି ତ୍ରୁଟି ପାଇଁ ୧୦ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଆଜି ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତଥ୍ୟ ରଖିଛନ୍ତି । ମନ୍ତ୍ରୀ କହିଛନ୍ତି, ଏହି ତ୍ରୁଟି ପାଇଁ ଦାୟୀ ୬ ଜଣ ସହନିର୍ଦ୍ଦେଶକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ରାଜ୍ୟ ଶିକ୍ଷକ, ଶିକ୍ଷା ଗବେଷଣା ଏବଂ ତାଲିମ ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକଙ୍କ ସମେତ ୩ ଜଣ ସହନିର୍ଦ୍ଦେଶକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି ବୋଲି ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ।

## ଡ୍ରପ୍‌ଆଉଟ୍

ରାଜ୍ୟରେ ମାଧ୍ୟମିକ ସ୍କୁଲରେ ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇଛି ବୋଲି ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ କହିଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଗତବର୍ଷ ଡ୍ରପ୍‌ଆଉଟ୍ ହାର ୧୫ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ଏହା ୧୪ ଦଶମିକ ୧ ପ୍ରତିଶତକୁ ହ୍ରାସ ପାଇଛି । ଓଡ଼ିଶା ଶିକ୍ଷା ସର୍ଭେକ୍ଷଣରେ ୨ ଲକ୍ଷ ୧୬ ହଜାର ୧୩୧ ଜଣ ଛାତ୍ରଛାତ୍ରୀ ସ୍କୁଲ ବାହାରେ ଚିହ୍ନଟ କରାଯାଇଥିଲା । ସେମାନଙ୍କ ମଧ୍ୟରୁ

୭୯ ହଜାର ୯୯୬ ଜଣଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଅଣାଯାଇଛି। ତେବେ ଆହୁରି ୧ ଲକ୍ଷ ୩୬ ହଜାର ୧୩୫ ଜଣ ଛାତ୍ରଛାତ୍ରୀ ସ୍କୁଲ ବାହାରେ ଅଛନ୍ତି ବୋଲି ଗୃହରେ ତଥ୍ୟ ରଖିଛନ୍ତି।

## ଭତ୍ତା

ରାଜ୍ୟ ସରକାର ଆସନ୍ତା ମାସ ସୁଦ୍ଧା ବଞ୍ଚିତ ହିତାଧିକାରୀଙ୍କୁ ନିୟମିତ ଭତ୍ତା ପ୍ରଦାନ ସହ ବକେୟା ଅର୍ଥ ପ୍ରଦାନ କରିବେ। ଏଥିପାଇଁ ଆବଶ୍ୟକୀୟ ପ୍ରକ୍ରିୟା ଜାରି ରହିଛି ବୋଲି ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନାରେ ମୋଟ ୨୦ ଲକ୍ଷ ୩୩ ହଜାର ୯୫୯ ଜଣ ହିତାଧିକାରୀ ଅଛନ୍ତି। ବିଭିନ୍ନ ବୈଷୟିକ ତ୍ରୁଟି କାରଣରୁ କେତେକ ହିତାଧିକାରୀଙ୍କୁ ଗତ ୫ ମାସ ହେବ ଭତ୍ତା ପ୍ରଦାନ କରାଯାଇପାରିନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## ନିଲମ୍ବନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଭିନ୍ନ ଭିନ୍ନ ଘଟଣାରେ ଦୁଇଜଣ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। ବାଣିଜ୍ୟ ଓ

ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଏବଂ କଟକ ସର୍କଲ ଜେଲର୍ ସିନିୟର ସୁପରିନ୍‌ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳଙ୍କୁ ନିଲମ୍ବିତ କରାଯାଇଛି। ସରକାରୀ ନିୟମ ଅନୁସାରେ ଉଭୟ ଅଧିକାରୀ ୪୮ ଘଣ୍ଟାରୁ ଅଧିକ ସମୟ ଧରି ଜେଲରେ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି।

## ଦୀନ ଦୟାଲ୍ - ଜୟନ୍ତୀ

ଦେଶବ୍ୟାପୀ ଆଜି ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନ ଦୟାଲ୍ ଉପାଧ୍ୟାୟଙ୍କ ୧୧୧ତମ ଜୟନ୍ତୀ ପାଳନ କରାଯାଉଛି। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ତାଙ୍କର ଅନ୍ତ୍ୟୋଦୟ ଦର୍ଶନ ଏବଂ ସେବା ଓ ସମାବେଶୀ ବିକାଶର ଆଦର୍ଶ ଦେଶକୁ ପ୍ରେରଣା ଯୋଗାଉଛି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଦୀନଦୟାଲଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ରାଷ୍ଟ୍ର ପ୍ରତି ନିଷ୍ଠା, ଏକାତ୍ମ ମାନବବାଦର ଚିନ୍ତାଧାରା ଓ ଲୋକଙ୍କ କଲ୍ୟାଣ ପାଇଁ ତାଙ୍କ ଅବଦାନ ଭାରତୀୟଙ୍କ ଜନଜୀବନରେ ସଦାସର୍ବଦା ସ୍ମରଣୀୟ ହୋଇ ରହିବ।

ଏହି ଅବସରରେ ଭୁବନେଶ୍ୱର ଜୟଦେବ ଭବନରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ।

# ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି। ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି। ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ **'ଭୋକାଲ ଫର୍ ଲୋକାଲ୍'** ସମ୍ପର୍କରେ ....

ଢେଙ୍କାନାଳ ଜିଲ୍ଲାରେ ପ୍ରଧାନମନ୍ତ୍ରୀଙ୍କ ଭୋକାଲ ଫର୍ ଲୋକାଲ୍ ଆହ୍ୱାନରେ ଅନୁପ୍ରେରିତ ହୋଇ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନେ ସ୍ୱଦେଶୀ କୌଶଳରେ ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି। ସାଗରପାଟନାରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଶାଢ଼ୀ ବେଶ୍ ଲୋକପ୍ରିୟ ହେଉଛି। ସେହିଭଳି କରମୂଳ ଏବଂ ଗୋବର୍ଦ୍ଧନପୁରରେ ମହିଳାମାନେ ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର ଗହଣା। ସପ୍ତଶଯ୍ୟାର ସଦୈବରେଣୀ ଗ୍ରାମରେ ତିଆରି ହେଉଥିବା ଡୋକରା କଳାକୃତି ରାଜ୍ୟବ୍ୟାପୀ ବେଶ୍ ପ୍ରଶଂସା ସାଉଁଟୁଛି। ଏହି ବିଭିନ୍ନ କଳାକୃତି ମାଧ୍ୟମରେ ଜିଲ୍ଲାର ଦେଢ଼ଲକ୍ଷରୁ

ଅଧିକ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏ ସମ୍ପର୍କରେ ଜଣେ ମହିଳା ରଶ୍ମିତା ଜେନା କହିଛନ୍ତି –

**- V/O –**

## ବୃଷ୍ଟିପାତ

ରାଜ୍ୟରେ ଜୁନ୍ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ୩୧ ପ୍ରତିଶତରୁ ଅଧିକ ବର୍ଷା ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏହି ୪ ମାସ ମଧ୍ୟରେ ସ୍ୱାଭାବିକ ଭାବେ ୧୧ ଶହ ମିଲିମିଟର ବର୍ଷା ହେବାକଥା ମାତ୍ର ଏହା ୧୪୫୦ ମିଲିମିଟର ବର୍ଷା ହୋଇଛି। ଜୁଲାଇ ମାସରେ ସର୍ବାଧିକ ୬୪୭ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ଏହି ସମୟରେ ସ୍ୱାଭାବିକଠାରୁ ୯୧ ଦଶମିକ ୪ ପ୍ରତିଶତ ଅଧିକ ବର୍ଷା ହୋଇଛି। ସେହିପରି ଅଗଷ୍ଟ ମାସରେ ୧୨ ଦଶମିକ ୭ ପ୍ରତିଶତ ଅଧିକ ବୃଷ୍ଟିପାତ ହୋଇଥିବା ନେଇ ମନ୍ତ୍ରୀ କହିଛନ୍ତି। ଚଳିତ ମାସ ବର୍ତ୍ତମାନ ସୁଦ୍ଧା ୨୮୭ ଦଶମିକ ୪ ମିଲିମିଟର ବର୍ଷା ହୋଇସାରିଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି। ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗକୁ ଗତି କରିବା ସହ ଆହୁରି ଦୁର୍ବଳ ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଘଣ୍ଟା ପ୍ରତି ଏହି ଅବପାତ ୧୫ କିଲୋମିଟର ବେଗରେ ଗତି କରୁଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଅବପାତ ଆହୁରି ଦୁର୍ବଳ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନୂଆପଡ଼ା, ନବରଙ୍ଗପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ପ୍ରବଳ ବର୍ଷା ହେବାନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଛି ବୋଲି ବିପର୍ଯ୍ୟୟ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

**- V/O -**

ବର୍ଷା ଯୋଗୁଁ ଇନ୍ଦ୍ରାବତୀ ଡ୍ୟାମ୍‌ରେ ୫ଟି ଗେଟ୍ ଖୋଲାଯାଇଛି। ନବରଙ୍ଗପୁର ବ୍ଲକର ଡେବ୍ରାଗୁଡା, ଦେଦେଶପାଲ୍ଲୀ ଗ୍ରାମ ବାହ୍ୟଜଗତରୁ

ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି । ତଳିଆ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ।

ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି । ବିଭିନ୍ନ ନଦୀନାଳରେ ଜଳସ୍ତର ବୃଦ୍ଧି ପାଉଥିବାର କେତେକ ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ୫ଟି ବ୍ଲକର ୬୫ଟି ଗ୍ରାମର ମୋଟ ୧ ହଜାର ୪୦୮ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ବନ୍ୟାଜଳ ମଧ୍ୟରେ ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଇ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି ।

କୋରାପୁଟ ଜିଲ୍ଲାରେ ଯାତାୟତ ମଧ୍ୟ ବାଧାପ୍ରାପ୍ତ ହୋଇଛି ।

# ଏସୀୟ କ୍ରୀଡ଼ା ପ୍ରତିଯୋଗିତା

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ୧୦ ମିଟର ଏୟାର ପିଷ୍ଟଲ ଗୁଳିଚାଳନା ବର୍ଗରେ ଭାରତର କମଲଜିତ୍ ଓ ସୁରୁଚି ସିଂହ ସ୍ୱର୍ଣ୍ଣପଦକ ଜିତିଛନ୍ତି । ସେମାନେ କୋରିଆ ଦଳକୁ ଫାଇନାଲରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି ।